ଶ୍ରୀ ଚନ୍ଦ୍ରଗୌଡା ରାମଗୋଣ୍ଡା ପାଟିଲ ଏବଂ ଅନ୍ୟଜଣେ

ବନାମ

ମହାରାଷ୍ଟ୍ର ରାଜ୍ୟ ଏବଂ ଅନ୍ୟମାନେ ଇତ୍ୟାଦି

ସେପ୍ଟେମ୍ବର 2,1996

[କେ. ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଭୂମି ଅଧିଗ୍ରହଣ ଅଧିନିୟମ, 1894:*

*ଏକ ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ କରାଯାଇଥିବା ଭୂମି – ପରବର୍ତ୍ତୀ ସମୟରେ ଅନ୍ୟ କୌଣସି ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ଆବଣ୍ଟିତ – ପୂର୍ବତନ ମାଲିକମାନଙ୍କୁ ଭୂମିର ପ୍ରତ୍ୟାର୍ପଣ ପାଇଁ ଦାବି – ଦର୍ଶାଯାଇଛି, ଯଥାର୍ଥ ନୁହେଁ କାରଣ ଭୂମି ଯେଉଁ ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ କରାଯାଇଥିଲା ତାହା ବ୍ୟତୀତ ଅନ୍ୟ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ବ୍ୟବହୃତ ହୋଇପାରିବ ଏବଂ ଅଧିସୂଚନା ତାରିଖ ଅନୁଯାୟୀ ପୂର୍ବତନ ମାଲିକଙ୍କୁ ବଜାର ମୂଲ୍ୟ ଅନୁସାରେ ପର୍ଯ୍ୟାପ୍ତ କ୍ଷତିପୂରଣ ଦିଆଯାଇଥିଲା ।*

ଦେୱାନୀ ଅପିଲ ଅଧିକାରିତା : ବିଶେଷ ଅନୁମତି ଆବେଦନ (ସି) ସଂଖ୍ୟା 16573/1996 ଇତ୍ୟାଦି ।

ଡବ୍ଲ୍ୟୁ.ପି. ସଂଖ୍ୟା 1552/1996 ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ତା 26.4.96 ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ବିମରାଓ ଏନ୍. ନାୟକେ ଏବଂ ଏ.ଏମ୍. ଖାନୱିଲକର । ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ  ପ୍ରଦାନ କରାଯାଇଥିଲା :

ଏହି ବିଶେଷ ଅନୁମତି ଆବେଦନଗୁଡ଼ିକ ମାର୍ଚ୍ଚ 12,1990 ରେ ଡବ୍ଲ୍ୟୁ.ପି. ସଂଖ୍ୟା 5196/89 ଏବଂ ଏପ୍ରିଲ୍ 26,1996 ରେ ଡବ୍ଲ୍ୟୁ.ପି. ସଂଖ୍ୟା 1552/96 ରେ ପାରିତ ଆଦେଶ ବିରୋଧରେ ଦାଖଲ କରାଯାଇଛି । ପ୍ରଥମ ରିଟ୍ ଆବେଦନରେ ବିଳମ୍ବ ପାଇଁ କ୍ଷମା ଦେବାର ସମ୍ପୂର୍ଣ୍ଣ ଭାବରେ କୌଣସି ଯୋଗ୍ୟତା ନାହିଁ । ଦ୍ୱିତୀୟ ରିଟ୍ ଆବେଦନ ସମ୍ବନ୍ଧରେ, ତଥ୍ୟଗୁଡ଼ିକ ବିବାଦୀୟ ନୁହେଁ । 1974 ମସିହାରେ, ମହାରାଷ୍ଟ୍ର ଆଞ୍ଚଳିକ ନଗର ଯୋଜନା ଅଧିନିୟମ ("ଏମ୍ ଆର୍ ଟି ପି ଅଧିନିୟମ", ସଂକ୍ଷେପରେ) ର ଧାରା 126 (4) ଅନ୍ତର୍ଗତ ରାଜ୍ୟ ସରକାରଙ୍କ ଦ୍ୱାରା ଯୋଜନାର

ଅନୁମୋଦନ ପରେ, ଉକ୍ତ ଯୋଜନା ପାଇଁ ଏହାର ଉପଯୋଗ ପାଇଁ ଭୂମି ଅଧିଗ୍ରହଣ ପାଇଁ ଅଧିସୂଚନା ଜାରି କରାଯାଇଥିଲା । ତଦନୁସାରେ, ନଭେମ୍ବର 11,1977 ରେ ଭୂମି ଅଧିଗ୍ରହଣ ଅଧିନିୟମ, 1894 (ସଂକ୍ଷେପରେ, "ଅଧିନିୟମ") ର ଧାରା 11 ଅନ୍ତର୍ଗତ ଭୂମି ଅଧିଗ୍ରହଣ ଅଧିକାରୀଙ୍କ ଦ୍ୱାରା ଏକ ଅଧିନିର୍ଣ୍ଣୟ ପାରିତ ହୋଇଥିଲା । ପୂର୍ବରୁ ଅକ୍ଟୋବର 21,1974 ରେ ଦଖଲ ନିଆଯାଇଥିଲା । ଭୂମିର ଉପଯୋଗ ପରେ, ବଳକା ଭୂମିକୁ କୋହ୍ଲାପୁର ପୌରପାଳିକାର କେତେକ ପାରିଷଦ ଏବଂ କର୍ମଚାରୀଙ୍କୁ ଆବଣ୍ଟନ ପାଇଁ ବ୍ୟବହାର କରିବାକୁ ଅନୁରୋଧ କରାଯାଇଥିଲା । ଫଳସ୍ୱରୂପ, ପ୍ରଥମ ରିଟ୍ ଆବେଦନ ଦାଖଲ କରାଯାଇଥିଲା ଯାହା ମାର୍ଚ୍ଚ 12,1990 ରେ ଗୁଣବତ୍ତା ଆଧାରରେ ଖାରଜ ହୋଇଯାଇଥିଲା । ତାହା ପରେ, ଆବେଦନକାରୀମାନେ ଅଧିଗ୍ରହଣକୁ ଆପତ୍ତି କରି ଏକ ମକଦ୍ଦମା ଦାଖଲ କରିଥିଲେ ଏବଂ ମକଦ୍ଦମାଟି ଅନୁରକ୍ଷଣୀୟ ନହେବାରୁ ପ୍ରତ୍ୟାହାର କରାଯିବା କାରଣରୁ ଏହାକୁ ଖାରଜ କରାଯାଇଥିଲା । ରିଟ୍ ଆବେଦନ ସଂଖ୍ୟା 1552/96 ଦାଖଲ ହୋଇଥିଲା । ସେହି ରିଟ୍ ଆବେଦନକୁ ମଧ୍ୟ ଏହି ଆଧାରରେ ଖାରଜ କରାଯାଇଥିଲା ଯେ, ରିଟ୍ ଆବେଦନରେ ପୂର୍ବ ଆଦେଶ *ପୂର୍ବ ନ୍ୟାୟ* ଭାବରେ କାର୍ଯ୍ୟ କରିଥିଲା । ତେଣୁ, ଦ୍ୱିତୀୟ ରିଟ୍ ଆବେଦନକୁ ଅନୁରକ୍ଷଣୀୟ ନୁହେଁ ବୋଲି ଦର୍ଶାଯାଇଥିଲା ।

ଆବେଦନକାରୀମାନଙ୍କ ତରଫରୁ ହାଜର ହୋଇଥିବା ବିଜ୍ଞ ବରିଷ୍ଠ ଅଧିବକ୍ତା, ଶ୍ରୀ ନାଏକ ଯୁକ୍ତି ବାଢ଼ିଥିଲେ ଯେ, ଦ୍ୱିତୀୟ ରିଟ୍ ଆବେଦନରେ, ଆବେଦନକାରୀ ତା ଅକ୍ଟୋବର 10, 1973 ରିଖର ରାଜ୍ୟ ସରକାରଙ୍କ ସଂକଳ୍ପ ଅନୁଯାୟୀ ଦଖଲକୁ ପୁନଃସ୍ଥାପନ ପାଇଁ ଅନୁରୋଧ କରିଥିଲେ, ଯାହା ଅଧୀନରେ ସରକାର ନିର୍ଦ୍ଦେଶ ଦେଇଥିଲେ ଯେ, ବଳକା ଭୂମିକୁ ପ୍ରଥମେ ଅନ୍ୟ କୌଣସି ସାର୍ବଜନୀନ ଉଦ୍ଦେଶ୍ୟରେ ବ୍ୟବହାର କରାଯିବ ଏବଂ ବିକଳ୍ପ ଭାବରେ ଏହାକୁ ପୂର୍ବତନ ମାଲିକମାନଙ୍କୁ ଫେରାଇ ଦିଆଯିବ । ଯେହେତୁ ସେ ଉକ୍ତ ସରକାରୀ ସଂକଳ୍ପକୁ ପ୍ରବର୍ତ୍ତନ କରିବାକୁ ଅନୁରୋଧ କରିଥିଲେ, ତେଣୁ ଅନ୍ୱୟାଶ୍ରିତ *ପୂର୍ବ ନ୍ୟାୟ* ଆଧାରରେ ରିଟ୍ ଆବେଦନକୁ ଖାରଜ କରାଯାଇପାରିବ ନାହିଁ । ସେ ସରକାରଙ୍କ ସଂକଳ୍ପର ପ୍ରବର୍ତ୍ତନୀୟତା ସହିତ ଅନୁରୂପ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ହୋଇଥିବା ନିର୍ଦ୍ଦିଷ୍ଟ ଆଦେଶଗୁଡ଼ିକ ଉପରେ ମଧ୍ୟ ଭରସା କରିବାକୁ ଚାହିଁଛନ୍ତି । ଆମେ ଭାବୁନାହୁଁ ଯେ, ଏହି ନ୍ୟାୟାଳୟ ପୂର୍ବତନ ମାଲିକମାନଙ୍କୁ ଭୂମି ପୁନଃସ୍ଥାପନ ପାଇଁ ନିର୍ଦ୍ଦେଶ ଦେବାରେ ଯଥାର୍ଥ ହେବେ ଯେତେବେଳେ ଭୂମିକୁ ବହୁ ପୂର୍ବରୁ ନିଆଯାଇଥିଲା ଏବଂ ସମସ୍ତ ଋଣଭାରରୁ ମୁକ୍ତ କରି ପୌରପାଳିକା ଉପରେ ନ୍ୟସ୍ତ କରାଯାଇଥିଲା । ଆମେ କୌଣସି ବି

ରିଟ୍ ଆବେଦନଗୁଡ଼ିକରେ ଥିବା ଅଧିସୂଚନାର ବୈଧତାକୁ ନେଇ ଚିନ୍ତିତ ନୁହେଁ । ଏହା ସ୍ୱତଃସିଦ୍ଧ ଯେ, ଏକ ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ କରାଯାଇଥିବା ଭୂମିକୁ ଅନ୍ୟ କୌଣସି ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ବ୍ୟବହାର କରାଯିବ, ଯଦିଓ ଏହାର ବ୍ୟବହାର ମୂଳ ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ଉଦ୍ଦିଷ୍ଟ ଥିଲା । ଏହା ଉଦ୍ଦେଶ୍ୟ ନୁହେଁ ଯେ, କୌଣସି ଭୂମି ଯାହା ଅବ୍ୟବହୃତ ହୋଇ ରହିଛି, ଅଧିସୂଚନା ତାରିଖ ଅନୁଯାୟୀ ବଜାର ମୂଲ୍ୟ ଅନୁସାରେ ପର୍ଯ୍ୟାପ୍ତ କ୍ଷତିପୂରଣ ପ୍ରଦାନ କରାଯାଇଥିବା ପୂର୍ବତନ ମାଲିକଙ୍କୁ ପୁନଃସ୍ଥାପିତ କରାଯିବା ଉଚିତ । ଏହି ପରିସ୍ଥିତିଗୁଡ଼ିକ ଅନୁସାରେ, ଉଚ୍ଚ ନ୍ୟାୟାଳୟ ଉଭୟ ରିଟ୍ ଆବେଦନରେ ପ୍ରତିକାର ମଞ୍ଜୁର କରିବାକୁ ମନା କରି ଉତ୍ତମ ଭାବରେ ନ୍ୟାୟସଙ୍ଗତ ଥିଲେ ।

ବିଶେଷ ଅନୁମତି ଆବେଦନଗୁଡ଼ିକୁ ଖାରଜ କରାଯାଇଛି ।

ଜି.ଏନ୍.                                                  ଆବେଦନଗୁଡ଼ିକ ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :- ସୁଧା ସୁରମ୍ୟା ସାହୁ**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**